# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଠାକୁରମୁଣ୍ଡା

ବିଜ୍ଞାପନ ସଂଖ୍ୟା 1643 / ତାରିଖ 27/7/2020

**ବିଜ୍ଞାପନ**

ଏତଦ୍ବାରା ଠାକୁରମୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ତରାମରା ଗ୍ରାମ ପଞ୍ଚାୟତ ର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଂଖ୍ୟା ୭୦୪୦ ତା ୨୧.୦୪.୨୦୧୨ ଏବଂ ୬୧୧୨ ତା ୨୭.୦୩.୨୦୧୮ ଅନୁଯାୟୀ ଉପରୋକ୍ତ ଗ୍ରାମପଂଚାୟତ ପାଇଁ ଜଣେ ଲେଖାଏଁ ଯୋଗାଣ ସହାୟକ ନିୟୋଜିତ କରାଯିବ । ଏହି ପଦବୀ ପାଇଁ ଇଚ୍ଛୁକ ପ୍ରାର୍ଥୀ ମାନେ ପରପୃଷ୍ଠାରେ ଦିଆଯାଇଥିବା ଆବେଦନ ପତ୍ର ମୁତାବକ ୨ଟି ପାସପୋର୍ଟ ଫୋଟୋ ସଂଲଗ୍ନ କରି ତା ୨୭.୦୮.୨୦୨୦ରିଖ ସୁଦ୍ଧା ପ୍ରାର୍ଥୀ କେବଳ ରେଜିଷ୍ଟ୍ରୀପୋଷ୍ଟ(Registered Post)/ ବା ସ୍ପୀଡ଼ ପୋଷ୍ଟ (Speed Post)ଦ୍ବାରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାକୁରମୁଣ୍ଡାକୁ ଆବେଦନ କରିପାରିବେ । ଲଫାଫା ଉପରେ " ____________________ **ଗ୍ରା.ପ. ନିମନ୍ତେ ଯୋଗାଣ ସହାୟକ ପାଇଁ ଆବେଦନ ପତ୍ର**" ବୋଲି ଉଲ୍ଲେଖ କରିବେ । କୌଣସି ଆବେଦନ ପତ୍ର ଶେଷ ତାରିଖ ପରେ ଆଉ ଗ୍ରହଣ କରାଯିବ ନାହିଁ ।

**ଆବେଦନ କରିଥିବା ପ୍ରାର୍ଥୀ ନିମ୍ନ ସର୍ତ୍ତାବଳୀ ଅନୁସାରେ ଚୟନ କରାଯାଇ ନିଯୁକ୍ତି କରାଯିବ ।**

୧- ପ୍ରାର୍ଥୀ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଅଞ୍ଚଳ ର ହୋଇଥିବା ଆବଶ୍ୟକ । (ଏ ବାବଦକୁ କ୍ଷମତା ସମ୍ପନ୍ନ ଅଧିକାରୀଙ୍କ ଠାରୁ ପ୍ରମାଣ ପତ୍ର ସଂଲଗ୍ନ କରିବେ)

୨- ପ୍ରାର୍ଥୀ ଅତିକମରେ ମାଟ୍ରିକ (ଦଶମ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

୩- ପ୍ରାର୍ଥୀ ମାନଙ୍କ ବୟସ ତା ୦୧.୭.୨୦୨୦ ସୁଦ୍ଧା ୨୧ ବର୍ଷରୁ କମ ୩୫ ବର୍ଷରୁ ଉର୍ଦ୍ଧ(ଅଧିକ) ହୋଇନଥିବା ଆବଶ୍ୟକ । କୌଣସି ଅଭିଜ୍ଞ ବିକ୍ରେତା (PDS) ବ୍ୟକ୍ତିଙ୍କ ପାଇଁ ବୟସ ଦଶ ବର୍ଷ କୋହଳ କରାଯିବ । ( ଅଭିଜ୍ଞ ବ୍ୟକ୍ତିଙ୍କ ବୟସ ୩୫ ରୁ ୪୫ ପର୍ଯ୍ୟନ୍ତ ହୋଇଥିବା ନିତାନ୍ତ ଆବଶ୍ୟକ)

୪- ମନୋନୀତ ପ୍ରାର୍ଥୀ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଦ୍ବାରା ନିର୍ଦ୍ଧାରିତ ମାସିକ ପାରିଶ୍ରମିକ (ଟ ୬୦୦୦/-) ତାଙ୍କର କାର୍ଯ୍ୟ ପାଇଁ ପାଇବେ ।

୫- ଯୋଗାଣ ସହାୟକ ନିଯୁକ୍ତି ପ୍ରାର୍ଥୀଙ୍କ ପାଇଁ ଏକ ନିୟମିତ ନିଯୁକ୍ତିର କୌଣସି ଅଧିକାର ରଖାଯାଇ ନାହିଁ ଏବଂ ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯେ କୌଣସି ମୁହୂର୍ତ୍ତରେ ନିୟୋଜନକୁ ରଦ୍ଦ କରିପାରନ୍ତି । ଏଥିପାଇଁ ନିୟୋଜନ ବ୍ୟକ୍ତିଙ୍କ ପାଇଁ ଆଇନଗତ ବା ଅଦାଲତର ବ୍ୟବସ୍ଥାକୁ ବର୍ତ୍ତମାନ କିମ୍ବା ଭବିଷ୍ୟତରେ ବିଚାରକୁ ନିଆଯିବ ନାହିଁ ।

୬- ନିୟୋଜିତ ଯୋଗାଣ ସହାୟକ ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସମ୍ପୃକ୍ତ କାର୍ଯ୍ୟାବଳୀ ସମ୍ବନ୍ଧୀୟ ଆଇନ କାନୁନକୁ ବାଧ୍ୟତା ମୂଳକ ଭାବେ ମାନି ଚଳିବେ ।

୭- ଯଦିଓ ଯୋଗାଣ ସହାୟକ ପଦ ନିମନ୍ତେ ସର୍ବନିମ୍ନ ଯୋଗ୍ୟତା ଦଶମ ରହିଛି ମାତ୍ର ପରୀକ୍ଷାର୍ଥୀଙ୍କ ମାଟ୍ରିକ୍ୟୁଲେଶନ (ଦଶମ), ଯୁକ୍ତ ଦୁଇ(+୨) ଓ ଯୁକ୍ତ ତିନି ପରୀକ୍ଷାରେ ଲବ୍ଧ ମାର୍କର ଶତକଡା ହାରକୁ ନେଇ ଅଗ୍ରାଧିକାର କ୍ରମେ ତାଲିକା ତିଆରି କରାଯିବ ଏବଂ ତହିଁରୁ ପ୍ରଥମ ସ୍ଥାନିତ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯିବ । ଲବ୍ଧ ମାର୍କର ଶତକଡା ୩୦ ପ୍ରତିଶତ (ଦଶମ), ୩୦ ପ୍ରତିଶତ (+୨) ଓ ୪୦ ପ୍ରତିଶତ (+୩) career weightage କୁ ବିଚାରକୁ ନିଆଯିବ ।

୮- ଚୟନ ପ୍ରକ୍ରିୟାରେ ପ୍ରଥମ ସ୍ଥାନିତ ବ୍ୟକ୍ତି ବିଶେଷ କୌଣସି କାରଣରୁ କାର୍ଯ୍ୟରେ ଯୋଗଦାନ ନକଲେ ଉକ୍ତସ୍ଥଳେ ଦ୍ବିତୀୟ ସ୍ଥାନିତ ବ୍ୟକ୍ତିଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ସୁଯୋଗ ଦିଆଯିବ । (ଯଦି ଉକ୍ତ ଦ୍ବିତୀୟ ସ୍ଥାନିତ ବ୍ୟକ୍ତି Engagement ତାରିଖ ଦିନ ବୟସ ସମ୍ବନ୍ଧୀୟ ସମସ୍ତ critarea ପୂରଣ କରୁଥିବେ ) ଯଦି ଦ୍ବିତୀୟ ବ୍ୟକ୍ତି ଏଥିରେ ଅଯୋଗ୍ୟ ହୁଅନ୍ତି ତେବେ ପେନାଲ ଲିଷ୍ଟ ରେ ଥିବା ତୃତୀୟ ସ୍ଥାନିତ ବ୍ୟକ୍ତି ଯିଏ ବୟସ ସମ୍ବନ୍ଧୀୟ ସମସ୍ତ critarea ପୂରଣ କରୁଥିବେ ତାଙ୍କୁ ନିଯୁକ୍ତି ଦିଆଯିବ । ତୃତୀୟ ସ୍ଥାନିତ ବ୍ୟକ୍ତି ଅଯୋଗ୍ୟ ହେଲେ ନୂତନ ବିଜ୍ଞାପନ ମାଧ୍ୟମରେ ନିଯୁକ୍ତି ଦିଆଯିବ ।

୯- ଆବେଦନ ପତ୍ରରେ ଦୁଇ ଗୋଟି ଖାଲି ଲଫାଫା ସହିତ ୨୫ଟଙ୍କା ଲେଖାଏଁ ପୋଷ୍ଟେଜ ଷ୍ଟାମ୍ପ ସଂଲଗ୍ନ କରିବେ ।

୧୦- ଆବେଦନକାରୀ ଦରଖାସ୍ତ ଫର୍ମ ଉପରୋକ୍ତ ଗ୍ରାମପଞ୍ଚାୟତରୁ ସଂଗ୍ରହ କରିପାରିବେ ।

୨୭.୦୭.୨୦୨୦

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଠାକୁରମୁଣ୍ଡା

ପରିପତ୍ର ସଂଖ୍ୟା- 1644 // ତା- 27/7/2020 //

ଏହାର ଏକକିତା ନକଲ ପଞ୍ଚାୟତ ସମିତି ନୋଟିସ ବୋର୍ଡ଼ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

27.07.2020

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଠାକୁରମୁଣ୍ଡା

ପରିପତ୍ର ସଂଖ୍ୟା- 1645 // ତା- 27/7/2020 //

ଏହାର ଏକକିତା ନକଲ ଉପରୋକ୍ତ ଗ୍ରାମ ପଞ୍ଚାୟତ ର ସରପଞ୍ଚ/ ସମିତି ସଭ୍ୟ /ଗ୍ରାମ ପଞ୍ଚାୟତ ନୋଟିସ ବୋର୍ଡ଼/ଅଧକ୍ଷ, ପଞ୍ଚାୟତ ସମିତି ଠାକୁରମୁଣ୍ଡାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକାଶ କରାଗଲା ।

27.07.2020

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଠାକୁରମୁଣ୍ଡା

ପରିପତ୍ର ସଂଖ୍ୟା- 1646 // ତା- 27/7/2020 //

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୁରଭଞ୍ଜ/ଉପଜିଲ୍ଲାପାଳ,ପାଞ୍ଚପୀଢ଼, କରଂଜିଆଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକାଶ କରାଗଲା ।

27.07.2020

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଠାକୁରମୁଣ୍ଡା

ପରିପତ୍ର ସଂଖ୍ୟା- 1647 // ତା- 27/7/2020 //

ଏହାର ଏକକିତା ନକଲ www.mayurbhanj.nic.in ୱେବସାଇଟ କୁ ବିଜ୍ଞାପନ ପାଇଁ ପ୍ରେରଣ କରାଗଲା ।

27.07.2020

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଠାକୁରମୁଣ୍ଡା

ପରିପତ୍ର ସଂଖ୍ୟା- 1648 // ତା- 27/7/2020 //

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ମୟୁରଭଞ୍ଜ/ ଅତିରିକ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପାଞ୍ଚପୀଢ଼, କରଞ୍ଜିଆ ନିକଟକୁ ବିଜ୍ଞାପନ ପାଇଁ ପ୍ରେରଣ କରାଗଲା ।

27.07.2020

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଠାକୁରମୁଣ୍ଡା